ଭୁବନେଶ୍ୱର, ଶନିବାର, ୧୯ ଅକ୍ଟୋବର, ୧୯୮୫

# ସ୍ଥାୟୀ ସରକାର ଅସ୍ଥାୟୀ ବ୍ୟବସ୍ଥା

ଓଡ଼ିଶାରେ ପାଞ୍ଚବର୍ଷରୁ ଊର୍ଦ୍ଧ୍ୱକାଳ ଏକ ସ୍ଥାୟୀ ସରକାର ରହିବା ଦ୍ୱାରା ଅନେକ ପ୍ରଗତି ହୋଇପାରିଛି ବୋଲି କୁହାଯାଉଛି । ରାଜନୈତିକ ସ୍ଥିରତା ଓଡ଼ିଶା ପରି ଏକ ଅନୁନ୍ନତ ରାଜ୍ୟରେ ଦ୍ରୁତ ଅର୍ଥନୈତିକ ପ୍ରଗତି ପାଇଁ ଯେ ଆବଶ୍ୟକ- ଏହା ଯେ କେହି ହେଲେ ସ୍ୱୀକାର କରିବେ । ନିର୍ବାଚନରେ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ଏବଂ ତା'ପରେ ଦଳୀୟ ଶୃଙ୍ଖଳା ଦ୍ୱାରା ଆମର ସଂସଦୀୟ ଗଣତନ୍ତ୍ରରେ ରାଜନୈତିକ ସ୍ଥିରତାକୁ ବଳବତର କରାଯାଇ ପାରିଥାଏ । ସୁଖର କଥା, ଗତ ପାଞ୍ଚବର୍ଷ ମଧ୍ୟରେ ଏହି ସ୍ଥିରତା ଆମେ ଦେଖିବାକୁ ପାଇଛୁ । ମାତ୍ର ଏ ରାଜନୈତିକ ସ୍ଥିରତାର ସଦୁପଯୋଗ ପାଇଁ ଶାସନକଳରେ ଅନୁରୂପ ପାରଙ୍ଗମତା ମଧ୍ୟ ଆବଶ୍ୟକ ।

ଏହି ପରିପ୍ରେକ୍ଷୀରେ, ଜାତୀୟ ସ୍ତରରେ ଶାସନ-ସଂସ୍କାର ଉପରେ ଆମର ପ୍ରଧାନମନ୍ତ୍ରୀ ମୂଳରୁ ଜୋର୍ ଦେଇ ଆସୁଅଛନ୍ତି ଏବଂ ସେ ଯେଉଁ ମୌଳିକ ପରିବର୍ତ୍ତନ କଥା ଚିନ୍ତା କରୁଛନ୍ତି, ତାହା ତାଙ୍କର ଗତ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ବେଳର ବିଭାଗବଣ୍ଟନ ଓ ନୂତନ ବିଭାଗ ସୃଷ୍ଟିରୁ ସ୍ପଷ୍ଟ ସୂଚିତ ହୁଏ । ସାରା ଭାରତରେ 'ସଂସ୍କାର' କଥା କୁହାଯାଉଥିବାବେଳେ, ଓଡ଼ିଶା ଶାସନକଳକୁ ଏହା ତିଳେହେଲେ ପ୍ରଭାବିତ କରିଥିଲା ପରି ଆମର ମନେ ହେଉନାହିଁ ।

ଶିକ୍ଷା ବିଭାଗ କଥା ନିଆଯାଉ । ସମସ୍ୟାବହୁଳ ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ଜଣେ ସ୍ଥାୟୀ କୁଳପତି ଆମେ ଏପର୍ଯ୍ୟନ୍ତ ପାଇ ପାରିଲୁ ନାହିଁ । ଅସ୍ଥାୟୀ କୁଳପତିଙ୍କ ଜାଗାରେ ଏବେ ଆଉଜଣେ ଅସ୍ଥାୟୀ "ଅସ୍ଥାୟୀ କୁଳପତି" ରହିଛନ୍ତି ! ସ୍କୁଲବିଭାଗର ଡି.ପି.ଆଇ. ଅବସର ନେବା ପରେ, ରେଭେନ୍ସା କଲେଜର ଅଧ୍ୟକ୍ଷ ପରମ୍ପରାନୁସାରେ ଡି.ପି.ଆଇ. ହୋଇଥାନ୍ତି । ମାତ୍ର ବର୍ତ୍ତମାନ ରେଭେନ୍ସା କଲେଜର ଅଧ୍ୟକ୍ଷ ଉଭୟ- ସମସ୍ୟାବହୁଳ ରେଭେନ୍ସା କଲେଜ ଏବଂ ସ୍କୁଲବିଭାଗର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ । ସମସ୍ୟାବହୁଳ ରେଭେନ୍ସା କଲେଜ ଭିତରେ ରହି, ତାହାର ଅଧ୍ୟକ୍ଷ କିପରି ଭୁବନେଶ୍ୱରସ୍ଥିତ ସ୍କୁଲବିଭାଗକୁ ନିର୍ଦ୍ଦେଶନା ଦେବେ- ତାହା ଆମେ ବୁଝି ପାରୁନାହୁଁ । ଏଥିରୁ ମନେ ହେଉଛି, ଯେତେ ଯେପରି ବର୍ତ୍ତମାନର ଅଧ୍ୟକ୍ଷଙ୍କ ଛଡ଼ା ରେଭେନ୍ସା କଲେଜକୁ ସମ୍ଭାଳିବା ପାଇଁ, ଶିକ୍ଷାବିଭାଗରେ ଆଉ କେହି ଉପଯୁକ୍ତ ଅଧ୍ୟକ୍ଷ ନାହାନ୍ତି ! ଶିକ୍ଷାକୁ ଅଗ୍ରାଧିକାର ଭିତ୍ତିରେ ଏକ ନୂତନ ଆଭିମୁଖ୍ୟ ଦେଇ ସଂଗଠିତ କରାଯାଉଥିବା ବେଳେ, ଏ କ୍ଷେତ୍ରରେ ଆମ ସରକାରଙ୍କ ଏ ପ୍ରକାର ଉଦାସୀନ ମନୋଭାବ ଆଦୌ ବାଞ୍ଛନୀୟ ନୁହେଁ ।

କେବଳ ସେତିକି ନୁହେଁ, ମୁଖ୍ୟମନ୍ତ୍ରୀଙ୍କର ସ୍ୱତନ୍ତ୍ର ଶାସନସଚିବ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ଗୁରୁଦାୟିତ୍ୱ ତୁଲାଇବାରେ ସାହାଯ୍ୟ-ସହଯୋଗ କରୁଥିବେ ବୋଲି ଆମେ ଆଶା କରୁ । ବାସ୍ତବରେ ଆଜିର ମୁଖ୍ୟମନ୍ତ୍ରୀଙ୍କର ବହୁମୁଖୀ ଦାୟିତ୍ୱକୁ ଦେଖିଲେ, ତାଙ୍କ ପାଇଁ ଯେ ଜଣେ ସ୍ୱତନ୍ତ୍ର ସଚିବଙ୍କ ଆବଶ୍ୟକତା ରହିଛି- ଏ କଥା ମଧ୍ୟ ଅନେକେ ସ୍ୱୀକାର କରିବେ ଏବଂ ଏହି ଦାୟିତ୍ୱ ତୁଲାଇବା ପାଇଁ ସ୍ୱତନ୍ତ୍ର ସଚିବଙ୍କୁ ସ୍ୱତନ୍ତ୍ର ସମୟ ଓ ଅଧିକାର ଦିଆଯିବା ଦରକାର । କିନ୍ତୁ ଆମ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ତାଙ୍କର ଏହି ଗୁରୁ ଦାୟିତ୍ୱ ସହିତ ଶିଳ୍ପ, ବିଜ୍ଞାନ ଓ କାରିଗରୀ ବିଭାଗର ଦାୟିତ୍ୱ ମଧ୍ୟ ବହନ କରୁଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପଟ୍ଟନାୟକଙ୍କର ଶିଳ୍ପ ପ୍ରତି ଯେଉଁ ଆଗ୍ରହ ଆଜି ପର୍ଯ୍ୟନ୍ତ ଅବ୍ୟାହତ ରହି ଆସିଛି- ସେ ଦୃଷ୍ଟିରୁ ଆଶା କରାଯାଉଥିଲା ଯେ ଜଣେ ସ୍ୱତନ୍ତ୍ର ଅଭିଜ୍ଞ ସଚିବ ଏହାର ଦାୟିତ୍ୱ ତୁଲାଇବେ ଏବଂ ସରକାରଙ୍କ ଶିଳ୍ପ-ନୀତି ସୁଚାରୁ ରୂପେ କାର୍ଯ୍ୟକାରୀ ହୋଇପାରିବ । ମୁଖ୍ୟମନ୍ତ୍ରୀଙ୍କର ସ୍ୱତନ୍ତ୍ର ସଚିବ ତାଙ୍କର ଏକାନ୍ତ ବିଶ୍ୱସ୍ତ ଏବଂ ଶିଳ୍ପକ୍ଷେତ୍ରରେ ଅଭିଜ୍ଞ ହୋଇଥାଇ ପାରନ୍ତି ; ମାତ୍ର ଅନେକଗୁଡ଼ିଏ ଗୁରୁଦାୟିତ୍ୱ ଦେଇ ତାଙ୍କୁ ଅଯଥା ଭାରାକ୍ରାନ୍ତ କରିବା ଦ୍ୱାରା ତାଙ୍କର ପାରଦର୍ଶିତାର ଯଥାର୍ଥ ଉପଯୋଗରୁ ସରକାର ବଞ୍ଚିତ ହେଉଛନ୍ତି ବୋଲି ଆମର ଆଶଙ୍କା ।

ଠିକ୍ ସେହିପରି ଗତ ପାଞ୍ଚବର୍ଷ ମଧ୍ୟରେ ରାଜ୍ୟର ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ନେଇ ସତରେ ହେଉ ବା ମିଛରେ ହେଉ, ସରକାରଙ୍କ ଦକ୍ଷତା ସମ୍ପର୍କରେ କେହି କେହି ଟୀକା ଟିପ୍ପଣୀ କରି ଆସୁଛନ୍ତି । ସେ ଦୃଷ୍ଟିରୁ, ବିଶେଷ କରି ମୁଖ୍ୟମନ୍ତ୍ରୀ ନିଜେ ଦାୟିତ୍ୱରେ ଥିବାରୁ, ଘରୋଇ ବିଭାଗ ଆମ ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଏବଂ ଗୃହସଚିବଙ୍କ ଦକ୍ଷତା ଓ କାର୍ଯ୍ୟ କୁଶଳତା ଉପରେ ମୁଖ୍ୟମନ୍ତ୍ରୀ ଅନେକଟା ନିର୍ଭରଶୀଳ ହେବା ସ୍ୱାଭାବିକ । ତେଣୁ ତାଙ୍କୁ ପୁଣି ଓଡ଼ିଶା ମାଇନିଂ କର୍ପୋରେସନ୍ ପରି ଏକ ସମ୍ପୂର୍ଣ୍ଣ ବ୍ୟବସାୟିକ ସଂସ୍ଥାର ଅଧ୍ୟକ୍ଷ ଦାୟିତ୍ୱ ଦେବା ଦ୍ୱାରା, ସେ ମଧ୍ୟ ଅଯଥାରେ ଭାରାକ୍ରାନ୍ତ ହେଉଛନ୍ତି ବୋଲି ଆମର ଆଶଙ୍କା । ମାଇନିଂ କର୍ପୋରେସନ୍ ପରି ଏକ ବ୍ୟବସାୟିକ ସଂସ୍ଥା ସହିତ ଘରୋଇବିଭାଗର କି ସାମଞ୍ଜସ୍ୟ ରହିଛି- ବୁଝା ପଡୁନାହିଁ । ଏହିପରି ଆଉରି ଅନେକ ବିଭାଗର ଦୃଷ୍ଟାନ୍ତ ଦିଆଯାଇପାରେ ।

ଏପରି ବ୍ୟବସ୍ଥା ଦ୍ୱାରା ଏକ ପକ୍ଷରେ ଆମେ ଆମର ଦକ୍ଷ ଏବଂ ପାରଙ୍ଗମ ଅଫିସରମାନଙ୍କର ସର୍ବୋତ୍ତମ ସେବାରୁ ବଞ୍ଚିତ ହେବା ସଙ୍ଗେ ସଙ୍ଗେ, ଅନ୍ୟ ପକ୍ଷରେ ଆଉରି ଅନେକ ଦକ୍ଷ ଏବଂ ସମ୍ଭାବନାପୂର୍ଣ୍ଣ ଅଫିସରଙ୍କ ମନରେ ହୀନମନ୍ୟତା ମଧ୍ୟ ସୃଷ୍ଟି କରାଇଆଉ । ଏହା ଏପରି ଏକ ବ୍ୟବସ୍ଥା- ଯାହାଦ୍ୱାରା କେହି ଲାଭାନ୍ୱିତ ହେଉଥିବା ପରି ମନେ ହେଉନାହିଁ । ସମସ୍ତେ ସମସ୍ତଙ୍କ ଉପରୁ ଆସ୍ଥା ହରାଉଛନ୍ତି ଏବଂ ମନେ ହେଉଛି ସତେ ଯେପରି ଏକ ସମ୍ପୂର୍ଣ୍ଣ ଭାବେ ସ୍ଥାୟୀ ସରକାର ଏକ ଅସ୍ଥାୟୀ ବ୍ୟବସ୍ଥାରେ କାମ ଚଳାଉଛନ୍ତି !

ତେଣୁ ଏ ବ୍ୟବସ୍ଥାରେ ଶୀଘ୍ର ପରିବର୍ତ୍ତନ ହେବା ଦରକାର । ପୁଣିଥରେ ରାଜନୈତିକ ସ୍ଥିରତା ମିଳିଛି ବୋଲି, ଶାସନ-କଳ ପାଇଁ ଅପରିହାର୍ଯ୍ୟ ମନେ ହେଉଥିବା ସଂସ୍କାରଗୁଡ଼ିକ ପ୍ରତି ଆଖି ବୁଜି ଦେଲେ, ଶାସନ-କଳର ଏ ଅବ୍ୟବସ୍ଥା ଯେ ରାଜନୈତିକ ସ୍ଥିରତାକୁ ପ୍ରଭାବିତ କରିବ- ଏ ଆଶଙ୍କାକୁ ସୁଦ୍ଧା ଏଡ଼ାଇ ଦିଆଯାଇ ନପାରେ !

ସୌମ୍ୟରଞ୍ଜନ ପଟ୍ଟନାୟକ